ହରିୟାଣା ରାଜ୍ୟ ଏବଂ ଅନ୍ୟମାନେ

ବନାମ

ଦେୱାନ ସିଂହ ଓ ଅନ୍ୟମାନେ

ନଭେମ୍ବର 6, 1995

[କେ. ରାମାସ୍ୱାମୀ ଏବଂ ବି.ଏନ୍. କିର୍ପାଲ, ନ୍ୟାୟମୂର୍ତ୍ତିଦ୍ୱୟ]

*ଜମି ଅଧିଗ୍ରହଣ ଅଧିନିୟମ, 1894:*

*ଧାରା 4(1), 5-A, 6, 17(4) -ଜମି ଅଧିଗ୍ରହଣ - ରାୟ ପ୍ରଦାନ କରାଗଲା -ପ୍ରତିବାଦ ସହ କ୍ଷତିପୂରଣ ଅର୍ଥକୁ ଗ୍ରହଣ କରୁଥିବା ଏବଂ ଧାରା 5-A ଅନୁଯାୟୀ ଅନୁସନ୍ଧାନକୁ ବାତିଲ୍ କରୁଥିବା ଧାରା 17(4) ଅନୁଯାୟୀ କ୍ଷମତାର ପ୍ରୟୋଗକୁ ଆପତ୍ତି କରି ଆଜ୍ଞାଦେଶ ଆବେଦନ ଦାୟର କରୁଥିବା ଜମି ମାଲିକମାନେ -ଉଚ୍ଚ ନ୍ୟାୟାଳୟ ଦାବିକୁ ଅନୁମତି ଦେଲେ -ନିର୍ଣ୍ଣୟ ହେଲା, ଉଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ଯଥାର୍ଥ ନୁହେଁ - କାର୍ଯ୍ୟଧାରାକୁ ବଜାୟ ରଖିବା ଉପଯୁକ୍ତ ପନ୍ଥା ହେବ-ଜମି ମାଲିକମାନଙ୍କୁ, କ୍ଷତିପୂରଣ ନିର୍ଦ୍ଧାରଣ ପାଇଁ ଦେୱାନୀ ନ୍ୟାୟାଳୟରେ ଆବେଦନ କରିବାକୁ ଅନୁମତି ଦିଆଗଲା ।*

**ଜମି ଅଧିଗ୍ରହଣ ଅଧିନିୟମ, 1894ର ଧାରା 4(1) ଅନୁଯାୟୀ ଉତ୍ତରଦାତା-ଜମିମାଲିକମାନଙ୍କ ଜମି ସମ୍ପର୍କରେ 22.1.1981 ରେ ଏକ ବିଜ୍ଞପ୍ତି ପ୍ରକାଶିତ ହୋଇଥିଲା । 19.4.1984ରେ ଜିଲ୍ଲାପାଳ ଏହି ଅଧିନିର୍ଣ୍ଣୟ ପ୍ରଦାନ କରିଥିଲେ । 13.5.1985ରେ ଜମି ମାଲିକମାନେ ଧାରା 4(1) ଅନୁଯାୟୀ ଅଧିସୂଚନା ଏବଂ ଅଧିନିର୍ଣ୍ଣୟକୁ ଆପତ୍ତି କରି ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାୟର କରିଥିଲେ ଏହି ଆଧାରରେ ଯେ ଜିଲ୍ଲାପାଳଙ୍କ ଦ୍ୱାରା ଧାରା17(4) ଅନୁଯାୟୀ କ୍ଷମତା ପ୍ରୟୋଗ ଏବଂ ଅଧିନିୟମର ଧାରା 5-A ଅନୁଯାୟୀ ଅନୁସନ୍ଧାନକୁ ବାତିଲ କରିବା ଆଇନ ଆଖିରେ ଖରାପ ଥିଲା କାରଣ କୌଣସି ଜରୁରୀତା ନଥିଲା । ଉଚ୍ଚ ନ୍ୟାୟାଳୟ ଆଜ୍ଞାଦେଶ ଆବେଦନକୁ ଅନୁମତି ଦେଇଥିଲେ । ଏଥିରେ ବ୍ୟଥିତ ହୋଇ ରାଜ୍ୟ ସରକାର ବିଶେଷ ଅନୁମତି ଦ୍ୱାରା ଅପିଲ କରିଥିଲେ ।**

**ଅପିଲକୁ ଅନୁମତି ଦେଇ, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ କଲେ : 1. ଅଧିନିର୍ଣ୍ଣୟ ପ୍ରଦାନ ପରେ, ନ୍ୟାୟାଳୟ ଧାରା 5-A ଅନୁଯାୟୀ ଅନୁସନ୍ଧାନ ପାଇଁ ଜମି ଅଧିଗ୍ରହଣ ଅଧିନିୟମ, 1894 ର ଧାରା 4(1) ଅନୁଯାୟୀ ବିଜ୍ଞପ୍ତି ଏବଂ ଧାରା 6 ଅନୁଯାୟୀ ଘୋଷଣାକୁ ରଦ୍ଦ କରିବା ଯଥାର୍ଥ ହେବେ ନାହିଁ ।**

**2. ଅଧିନିୟମର ଧାରା 4(1) ଅନୁଯାୟୀ ଅଧିସୂଚନା ଏବଂ ଧାରା 6 ଅନୁଯାୟୀ ଘୋଷଣାକୁ 1985 ମସିହା ମେ 13 ତାରିଖ ପର୍ଯ୍ୟନ୍ତ ଆପତ୍ତି କରାଯାଇନଥିଲା, ଯେତେବେଳେ କି 1984 ମସିହା ଏପ୍ରିଲ 13**

**ତାରିଖରେ ଅଧିନିର୍ଣ୍ଣୟ ପ୍ରଦାନ କରାଯାଇଥିଲା । ପ୍ରତିବାଦ ସହିତ ଉତ୍ତରଦାତାମାନେ ପ୍ରକୃତରେ ରାଶି ଗ୍ରହଣ କରିଥିଲେ, କିନ୍ତୁ ଏହି ତଥ୍ୟକୁ ଉଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟିକୁ ଅଣାଯାଇନଥିଲା । ଧାରା 18 ଅନୁଯାୟୀ ବିଚାରାର୍ଥେ ପ୍ରେରଣ ପାଇଁ ଏକ ଆବେଦନ ଏଥିରେ ଦିଆଯାଇଥିବା ସୀମା ମଧ୍ୟରେ କରାଯାଇଥିଲା, ଏବଂ ଆଜ୍ଞାଦେଶ ଆବେଦନ ଅନୁମତି ପାଇବା ପରେ ଆବେଦନ ପ୍ରତ୍ୟାହାର କରାଯାଇଥିଲା । ଏଭଳି ପରିସ୍ଥିତିରେ ଉପଯୁକ୍ତ ପନ୍ଥା ହେବ ଧାରା 4(1) ଅନୁଯାୟୀ ଅଧିସୂଚନା ଏବଂ ଧାରା 6 ଅନୁଯାୟୀ ଘୋଷଣା ଏବଂ ଧାରା 11 ଅନୁଯାୟୀ ଦିଆଯାଇଥିବା ଅଧିନିର୍ଣ୍ଣୟକୁ ବଜାୟ ରଖିବା । କ୍ଷତିପୂରଣ ନିର୍ଦ୍ଧାରଣ ପାଇଁ ଉକ୍ତ ଉତ୍ତରଦାତାମାନଙ୍କ ପକ୍ଷରେ ଧାରା 18 ଅନୁଯାୟୀ ଜିଲ୍ଲାପାଳଙ୍କ ନିକଟରେ ଦେୱାନୀ ନ୍ୟାୟାଳୟକୁ ବିଚାରାର୍ଥେ ପ୍ରେରଣ କରିବା ନିମନ୍ତେ ଆବେଦନ କରିବାର ସୁଯୋଗ ରହିବ ।**

ଦେୱାନୀ ଅପିଲିୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 10446/1995 ।

ସି.ଡବ୍ଲ୍ୟୁ.ପି. ନଂ. 2496/85ରେ ଚଣ୍ଡୀଗଡ଼ସ୍ଥିତ ପଞ୍ଜାବ ଓ ହରିୟାଣା ଉଚ୍ଚ ନ୍ୟାୟାଳୟର 27.5.85 ତାରିଖର ରାୟ ଏବଂ ଆଦେଶରୁ ।

ଉପସ୍ଥିତ ପକ୍ଷମାନଙ୍କ ପାଇଁ ଅଲ୍‌ତାଫ ଅହମ୍ମଦ, ଏ.ଏସ୍.ଜି., ୟୁ.ଆର୍. ଲଳିତ, ବି. ଦତ୍ତ, ସୁଶ୍ରୀ ଇନ୍ଦୁ ମାଲହୋତ୍ରାଙ୍କ ପାଇଁ କେ.ସି. ବଜାଜ, କେ.ବି. ରୋହତଗୀ, ବଲଦେବ ଆତ୍ରେୟ, ସୁଶ୍ରୀ ଅପର୍ଣ୍ଣା ରୋହତଗୀ, ଅଜୟ କୁମାର ଅଗ୍ରୱାଲ, ବି.ଏସ୍. ଜୈନ, ଜେ.ପି. ସିଂ, ଜି.ସି. ତ୍ୟାଗୀ, ସୁନୀଲ କୁମାର ଜୈନ, ଜତୀନ୍ଦର କେ. ଭାଟିଆ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଜମି ଅଧିଗ୍ରହଣ ଅଧିନିୟମ, 1894 (ସଂକ୍ଷେପରେ, "ଅଧିନିୟମ")ର ଧାରା 4 ଅନୁଯାୟୀ ଅଧିସୂଚନା ଜାନୁଆରୀ 22, 1981ରେ ପ୍ରଦାନ କରାଯାଇଥିଲା । ଅଧିନିୟମର ଧାରା 9 ଅନୁଯାୟୀ ନୋଟିସ୍ ଦିଆଯାଇଥିଲା । ଜିଲ୍ଲାପାଳ ଏକ ତଦନ୍ତ କରି 1984 ମସିହା ଏପ୍ରିଲ 19 ତାରିଖରେ ଏକ ଅଧିନିର୍ଣ୍ଣୟ ପ୍ରଦାନ କରିଥିଲେ ଏବଂ ଠିକ ସମାନ ଦିନରେ ଜମିକୁ ଦଖଲ କରିଥିଲେ । ଉତ୍ତରଦାତାମାନେ ଦାବି କରନ୍ତି ଯେ ସେମାନେ ଦଖଲରେ ଅଛନ୍ତି । ଅଧିନିୟମର ଧାରା 17(4) ଅନୁଯାୟୀ କ୍ଷମତା ପ୍ରୟୋଗ କରି ଧାରା 5-A ଅନୁଯାୟୀ ତଦନ୍ତ ନକରିବା ଆଇନ ଅନୁଯାୟୀ ତ୍ରୁଟିପୂର୍ଣ୍ଣ ଥିଲା, କାରଣ କୌଣସି ଜରୁରୀକାଳୀନ ପରିସ୍ଥିତି ନଥିଲା ଏବଂ ଅଧିନିର୍ଣ୍ଣୟଟି ମାମଲାର ପୃଷ୍ଠଭୂମିରେ ଆଇନ ଅନୁଯାୟୀ ତ୍ରୁଟିପୂର୍ଣ୍ଣ ଥିଲା ବୋଲି ଦର୍ଶାଇ ଅଧିନିୟମର ଧାରା 4(1) ଅନୁଯାୟୀ ଅଧିସୂଚନାକୁ ବିରୋଧ କରି 13 ମେ, 1985ରେ ଉତ୍ତରଦାତାମାନେ ଆଜ୍ଞାଦେଶ ଆବେଦନ ଦାୟର କରିଥିଲେ । 9 ନଭେମ୍ବର, 1984ରେ ଧରମ୍ ସିଂହ ବନାମ ହରିୟାଣା ରାଜ୍ୟ

ସି.ଡବ୍ଲ୍ୟୁ.ପି. ସଂଖ୍ୟା 2891/1984ରେ ହୋଇଥିବା ନିର୍ଣ୍ଣୟ ଅନୁସରଣରେ ଉଚ୍ଚ ନ୍ୟାୟାଳୟ 27 ମଇ, 1985 ତାରିଖର ଆଦେଶ ଅନୁଯାୟୀ ଆଜ୍ଞାଦେଶ ଆବେଦନକୁ ଅନୁମତି ଦେଇଥିଲେ । ତେଣୁ ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ।

ଅପିଲକାରୀଙ୍କ ଦ୍ୱାରା ଯୁକ୍ତି କରାଯାଇଛି ଯେ ଅଧିନିର୍ଣ୍ଣୟ ପ୍ରଦାନ ହେବା ପରେ, ଉତ୍ତରଦାତାମାନେ କ୍ଷତିପୂରଣ ପାଇଥିଲେ ଏବଂ ଧାରା 18 ଅନୁଯାୟୀ ବିଚାରାର୍ଥେ ପ୍ରେରଣ ମଧ୍ୟ ମାଗିଥିଲେ । 1984ର ସଂଶୋଧନ ଅଧିନିୟମ 68 ପରେ, ଅଧିନିୟମର ଧାରା 11-A ଅନୁଯାୟୀ ଦୁଇ ବର୍ଷ ମଧ୍ୟରେ ରାୟ ପ୍ରଦାନ କରିବାକୁ ଭୂ-ଅର୍ଜନ ଅଧିକାରୀ ସକ୍ଷମ ଥିଲେ । ସେହି ସମୟ ମଧ୍ୟରେ ଏହି ଅଧିନିର୍ଣ୍ଣୟ ପ୍ରଦାନ କରାଯାଇଥିଲା । ତେଣୁ ଏହି ଅଧିନିୟମର ଧାରା 11-A କାର୍ଯ୍ୟକାରୀ ହେବା ଦ୍ୱାରା ଧାରା 4 ଏବଂ 6 ଅଧୀନରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ବାତିଲ ହେବ ନାହିଁ ।

ଉତ୍ତରଦାତାମାନଙ୍କ ପକ୍ଷରୁ ଯୁକ୍ତି କରାଯାଇଛି ଯେ ଧାରା 5-A ଅଧୀନରେ ତଦନ୍ତ ଏକ ମୂଲ୍ୟବାନ ଅଧିକାର ଏବଂ ଏକ ସର୍ବନିମ୍ନ ଅଧିକାର, ଯାହା ଦ୍ୱାରା ମାଲିକ ଦର୍ଶାଇବାକୁ ହକ୍‌ଦାର ଯେ ଜମିଟି ସାର୍ବଜନୀନ ଉଦ୍ଦେଶ୍ୟରେ ବ୍ୟବହାର କରିବା ପାଇଁ ଉପଯୁକ୍ତ ନୁହେଁ । ଏହା ଦର୍ଶାଇବା ପାଇଁ ଉନ୍ମୁକ୍ତ ରହିବ ଯେ ଅନ୍ୟ କୌଣସି ଜମି ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଅଧିକ ଉପଯୁକ୍ତ ହେବ, ଯଥା, ବଜାର କମିଟି ପାଇଁ ଜମି । ଧାରା 17(4) ଅନୁଯାୟୀ ଥିବା କ୍ଷମତାକୁ ବ୍ୟବହାର କରି ଧାରା 5-A ଅନୁଯାୟୀ ହୋଇଥିବା ତଦନ୍ତକୁ ବାତିଲ କରିବା ସ୍ପଷ୍ଟ ଭାବେ ବେଆଇନ ଅଟେ । ଯଦିଓ ଅଧିସୂଚନାକୁ ଆପତ୍ତି କରିବାରେ ଉତ୍ତରଦାତାମାନଙ୍କ ପକ୍ଷରୁ ବିଳମ୍ବ ହୋଇଥିଲା, ତଥାପି ବିଳମ୍ବ ଉଚ୍ଚ ନ୍ୟାୟାଳୟଙ୍କ ପାଖକୁ ଯିବାର ମୂଲ୍ୟବାନ ଅଧିକାରକୁ ଛଡ଼ାଇ ନେଇପାରିବ ନାହିଁ । ଧରମ ସିଂହଙ୍କ ମାମଲାରେ (ଉପରୋକ୍ତ) ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଆପତ୍ତି କରାଯାଇନଥିଲା । ଅପିଲକାରୀମାନଙ୍କ ପାଇଁ ଅଧିନିର୍ଣ୍ଣୟର ସଠିକତା ଉପରେ ସେହି ଆଧାରରେ ଆଲୋଚନା କରିବାକୁ ଉନ୍ମୁକ୍ତ, ଯଦିଓ ଅଧିନିର୍ଣ୍ଣୟ ଚୂଡ଼ାନ୍ତ ହୋଇସାରିଥିଲା ।

ବିଚାର ପାଇଁ ପ୍ରଶ୍ନଟି ହେଉଛି, 1984 ମସିହା ଏପ୍ରିଲ 19 ତାରିଖରେ ଜିଲ୍ଲାପାଳଙ୍କ ଦ୍ୱାରା ଦିଆଯାଇଥିବା ଅଧିନିର୍ଣ୍ଣୟ ଏବଂ ଧାରା 4(1) ଅନୁଯାୟୀ ଅଧିସୂଚନାରେ ଉଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ଯଥାର୍ଥ ଥିଲା କି? ଏହା ଦେଖାଯାଏ ଯେ ଧାରା 4(1) ଅନୁଯାୟୀ ଅଧିସୂଚନା ଏବଂ ଘୋଷଣାକୁ 1985 ମସିହା ମେ 13 ତାରିଖ ପର୍ଯ୍ୟନ୍ତ ଆପତ୍ତି କରାଯାଇନଥିଲା, ଯେତେବେଳେ କି 1984 ମସିହା ଏପ୍ରିଲ 13 ତାରିଖରେ ଅଧିନିର୍ଣ୍ଣୟ ପ୍ରଦାନ କରାଯାଇଥିଲା । ବାସ୍ତବରେ ଉତ୍ତରଦାତାମାନେ ପ୍ରତିବାଦ ସହିତ ରାଶି ଗ୍ରହଣ କରିଥିଲେ, କିନ୍ତୁ ଏହି ତଥ୍ୟକୁ ଉଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟିକୁ ଅଣାଯାଇନଥିଲା । ଏହା ମଧ୍ୟ ବିବାଦୀୟ ନୁହେଁ ଯେ ସେହି ସମୟରେ ଧାରା 18 ଅନୁଯାୟୀ ବିଚାରାର୍ଥେ ପ୍ରେରଣ ପାଇଁ ଏକ ଆବେଦନ ସେଥିରେ ପ୍ରଦାନ କରାଯାଇଥିବା ସୀମା ମଧ୍ୟରେ କରାଯାଇଥିଲା । ଏହା ଦେଖାଯାଉଛି ଯେ ଆଜ୍ଞାଦେଶ ଆବେଦନ ଅନୁମତି ପାଇବା ପରେ ଆବେଦନ ପ୍ରତ୍ୟାହାର କରାଯାଇଥିଲା । ଏହି ଅଧିନିର୍ଣ୍ଣୟ ପ୍ରଦାନ ପରେ, ଧାରା 5-A ଅନୁଯାୟୀ ତଦନ୍ତ ପାଇଁ ଧାରା 4(1)

ଅନୁଯାୟୀ ଅଧିସୂଚନା ଏବଂ ଧାରା 6 ଅନୁଯାୟୀ ଘୋଷଣାକୁ ନ୍ୟାୟାଳୟ ରଦ୍ଦ କରିବାକୁ ଯୁକ୍ତିଯୁକ୍ତ ହେବେ ନାହିଁ ।

ଏହି ପରିସ୍ଥିତିରେ, ଆମେ ଭାବୁଛୁ ଯେ ଉପଯୁକ୍ତ ପନ୍ଥା ହେଉଛି ଧାରା 4(1) ଅନୁଯାୟୀ ଅଧିସୂଚନା ଏବଂ ଧାରା 6 ଅନୁଯାୟୀ ଘୋଷଣା ଏବଂ ଧାରା 11 ଅନୁଯାୟୀ ଦିଆଯାଇଥିବା ରାୟକୁ ବଜାୟ ରଖିବା । କ୍ଷତିପୂରଣ ନିର୍ଦ୍ଧାରଣ ପାଇଁ ଦେୱାନୀ ନ୍ୟାୟାଳୟକୁ ବିଚାରାର୍ଥେ ପ୍ରେରଣ କରିବା ନିମନ୍ତେ ଆଜିଠାରୁ 30 ଦିନ ମଧ୍ୟରେ ଜିଲ୍ଲାପାଳଙ୍କ ନିକଟରେ ଧାରା 18 ଅନୁଯାୟୀ ଆବେଦନ କରିବା ପାଇଁ ଉତ୍ତରଦାତାମାନଙ୍କ ପାଇଁ ଉନ୍ମୁକ୍ତ ରହିବ ।

ତଦନୁସାରେ ଅପିଲକୁ ଅନୁମତି ଦିଆଯାଇଛି ଏବଂ ଆବେଦନ ଅନ୍ତର୍ଗତ ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ଅଗ୍ରାହ୍ୟ କରାଯାଇଛି । ତେବେ, ଏହି ପରିସ୍ଥିତିରେ ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଆର୍.ପି. ଅପିଲକୁ ଅନୁମତି ଦିଆଗଲା ।

**ଅସ୍ବୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।